# ସ୍ୱଭାବ କବି ଗଙ୍ଗାଧର ମେହେର

ସର୍ବାଧିକ ଲୋକପ୍ରିୟ ଆଧୁନିକ କବି ଭାବରେ ଗଙ୍ଗାଧର ମେହେର ଓଡ଼ିଶାର ପୁରପଲ୍ଲୀରେ ସୁପରିଚିତ । ଗଙ୍ଗାଧର ତା.୦୯.୦୮.୧୮୬୨ ଶ୍ରାବଣ ପୂର୍ଣ୍ଣିମା ତିଥିରେ ଅବିଭକ୍ତ ସମ୍ବଲପୁର (ବର୍ତ୍ତମାନ ବରଗଡ଼) ଜିଲ୍ଲାନ୍ତର୍ଗତ ବରପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜୟନ୍ତୀ ଇଂରାଜୀ ତାରିଖ ଅନୁସାରେ ନ ହୋଇ ଭାରତୀୟ ତିଥି ବ୍ୟବସ୍ଥା ଅନୁସାରେ ଓଡ଼ିଶାରେ ପାଳିତ ହୋଇଥାଏ । ଏହି ମହାନ୍ କବିଙ୍କ ତିରୋଧାନ ତା.୦୪.୦୪.୧୯୨୪ ଚୈତ୍ର ଅମାବାସ୍ୟା ତିଥିରେ ହୋଇଥିଲା ।

ଗଙ୍ଗାଧର ବିଦ୍ୟାଳୟରେ ସ୍ୱଳ୍ପ ଶିକ୍ଷା ଲାଭ କରିଥଲେ ମଧ୍ୟ, ସ୍ୱୀୟ ଅଧ୍ୟବସାୟ ବଳରେ ସଂସ୍କୃତ ଓ ଓଡ଼ିଆ ସାହିତ୍ୟରେ ଧୁରୀଣ ଥିଲେ । ସେ ୧୮୮୫ ମସିହାରେ ଅମିନ ଭାବରେ ଚାକିରି କରି ୧୯୧୭ ମସିହାରେ ମୋହରିର ଭାବରେ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ ।

ପ୍ରଥମେ ଗଙ୍ଗାଧର 'ଅହଲ୍ୟାସ୍ତବ' ଶୀର୍ଷକ ଏକ କାବ୍ୟ ରୀତିଯୁଗୀୟ ଶୈଳୀରେ ରଚନା କରିଥିଲେ ମଧ୍ୟ ରାଧାନାଥ ରାୟଙ୍କ ପ୍ରରୋଚନାରେ ଆଧୁନିକ ଶୈଳୀରେ 'ଇନ୍ଦୁମତୀ' କାବ୍ୟ ରଚନା କରି ନିଜକୁ ଆଧୁନିକ ଓଡ଼ିଆ ସାହିତ୍ୟ ଜଗତରେ ପ୍ରତିଷ୍ଠିତ କରାଇଥିଲେ । 'ଇନ୍ଦୁମତୀ' କାବ୍ୟ ପରେ ତାଙ୍କର – 'ଉତ୍କଳ ଲକ୍ଷ୍ମୀ', 'ମହିମା', 'କୀଚକ ବଧ', 'କବିତା କଲ୍ଲୋଳ', 'ଅଯୋଧ୍ୟା ଦୃଶ୍ୟ', 'ତପସ୍ୱିନୀ', 'ପ୍ରଣୟ ବଲ୍ଲରୀ', 'ଅର୍ଘ୍ୟଥାଳି' ପ୍ରଭୃତି କାବ୍ୟ ଓ କବିତା ସଂଗ୍ରହ ପ୍ରକାଶ ପାଇଥିଲା । 'ତପସ୍ୱିନୀ' କାବ୍ୟ ସର୍ବାଧିକ ଲୋକପ୍ରିୟ ହୋଇଥିବା ବେଳେ 'ଅର୍ଘ୍ୟଥାଳି' ହେଉଛି ସର୍ବାଧିକ ଲୋକପ୍ରିୟ କବିତା ସଂଗ୍ରହ । ପୁନଶ୍ଚ ଅର୍ଘ୍ୟଥାଳିର କବିତା 'ଭକ୍ତି', 'ଅମୃତମୟ' ଓ 'ମଧୁମୟ' ମେହେର ସୃଷ୍ଟିର ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ ।

ଗଙ୍ଗାଧର ମେହେର ପ୍ରକୃତିର ବାହ୍ୟ ରୂପକୁ ଯେପରି କଳାତ୍ମକ ଭାବରେ ବର୍ଣ୍ଣନା କରିଛନ୍ତି, ଅନ୍ତଃ ରୂପକୁ ମଧ୍ୟ ତତୋଧିକ ଭାବେ ବର୍ଣ୍ଣନା କରିଛନ୍ତି । ତାଙ୍କ ଲେଖନୀରେ କେବଳ ଆଦର୍ଶ ଉଚ୍ଚ ସ୍ଥାନ ପାଇ ନାହିଁ, ମାନବତାର ଜୟଗାନ ସେ ଆନ୍ତରିକ ଭାବରେ କରିଛନ୍ତି । ପୁନଶ୍ଚ, ଛାନ୍ଦମାଧୁର୍ଯ୍ୟର ଆଧୁନିକୀକରଣ କରି ଗଙ୍ଗାଧର କାବ୍ୟ କବିତାରେ ଯେଉଁ ଗାନଯୋଗ୍ୟତା ଭରି ଦେଇଛନ୍ତି, ତାହା ପାଠକର ଶ୍ରୁତି ଓ ହୃଦୟକୁ ଏକ ସଂଗରେ ଆପ୍ଳୁତ କରିଥାଏ । ଏହାର ପ୍ରମାଣ ପାଠକମାନେ ନିମ୍ନରେ ପ୍ରଦତ୍ତ ମେହେର କବିତାରୁ ଅବଶ୍ୟ ପାଇପାରିବେ ।